ଦୁର୍ଯ୍ୟୋଧନର ପାଷାଣ ଗୃହ ନିର୍ମାଣ
ସେହି ଦିନୁ ଆସ୍ତାନରେ ନାହିଂ ଜାଣ ସଭା
ଯେ ଯାହାର ଆସ୍ତାନେ ଥାନ୍ତି ସକଳ ରାଜଦେବା ।୧ ।
କୂଟ କପଟ ଛତ୍ରୀ ଯେ ମାନଚକ୍ରବ୍ରଥୀ
ବୃଦ୍ଧି ବନ୍ତା ଭାଗ୍ୟବନ୍ତା ଉପାୟେ ଚକ୍ରବ୍ରତୀ ।୨ ।
ଲୋହଗିରି ବୋଲି ୟେକ ପର୍ବତ ଗୋଟିୟେ
ଉଛର୍ଗ ପୋତା ବିସ୍ତାର ସେ ଅଟେ କୋଶମୟେ ।୩ ।
ଶିଲପୀ ବିନ୍ଧାଣୀ ମାନନ୍ତ ସମସ୍ତ ରୁଣ୍ଡି ଆଇଂ
ଶ୍ରୀଭୁଜେ ଶାଢୀ ସରଳ ଅନେକ ରତ୍ନ ଦେଇ ।୪ ।
ରାତ୍ରକାଳେ ପର୍ବତେ ସେ ଲଗାଇଲା ନେଇ
ୟେ ପର୍ବତ ଗୋଟି ଖୋଳିବ ଭିତରେ ଭଙ୍ଗାଇ ।୫ ।
ଯତନ କରିବ ଖୋଲ ପ୍ରାୟେ କରି
ୟେକଇ ଦୁଆରେ ଯେ ହୋଇବ ତାହାରି ।୬ ।
ଘର ପ୍ରାୟେ କରି କରିବ ଯେ ସଞ୍ଜା
ୟେତେ ବୋଲି ଆଗ୍ୟାଂ ଦିଲା ଧୃତରାଷ୍ଟ ବସ୍ଥା ।୭ ।
ଯୋଜନେକ ବିସ୍ତାର ହୋଇବାକ ସଞ୍ଚ
ଉଛର୍ଗ ହେବ ଦୁଇ ଯୋଜନ ଯେ ଉଞ୍ଚ ।୮ ।
ତହିଂକି ନିର୍ବାଣ କରିବ ବ୍ରଜ କବାଟ ଯେ ଗୋଟି
ବାହାରେ ଥାଇ କିଳିକେ ସେ ଭିତରେ ନ ଫିଟି ।୯ ।
---------------------------
୫ ।୨ ୟେ ପର୍ବତ ଗୋଟି କୋରିବ ଭିତରେଣ ଭଙ୍ଗାର ।
୪ ।୨ ସରଳ-ଅଳଙ୍କାର ବିଶେଷ ।

ଜଣକେ ବରତନ କଲା ଗ୍ରାମ ପାଞ୍ଚଖଣ୍ଡ
ମାସକେ ବର୍ତ୍ତନ ହୋଇଲା ସୁବର୍ଣ୍ଣ ୟେକ ମାଢ ।୧୦ ।
ପାଞ୍ଚ ଉତ୍ତର ଶତେକ ଲାଗିଲେ ବିନ୍ଧାଣି
କାଟନ୍ତି ପାଷାଣ ୟେହ୍ନେ ବଜ୍ର କୀଟ ନିର୍ବାଣି ।୧୧ ।
ଦ୍ୱାଦଶ ବରଷେ ତାହା କଲେକ ନିର୍ମିତ
ସଉଭାଗୀ ନଦୀ କୂଳେ ସଉଭଦ୍ର ବନସ୍ତ ।୧୨ ।
ତହିଂର କୂଳେ ଅରବିନ୍ଦ ଲୋହଗିରି
ଉପାୟେଣ ଦ୍ରିଯୋଧନ ତାହା ପଥର ଘର କରି ।୧୩ ।
ଘଟଣ ନିର୍ମିତ ଯେତେବେଳେ ହୋଇଲା ସପୂର୍ଣ୍ଣ
ଭିତରେ ପିତୁଳିନ୍ତ ଭିଆଇଲେ ଚିତ୍ର ଯେ ଲେଖନ ।୧୪ ।
ଗୁପତେ କରାଇଲା ତାହା ନ ଜାଣନ୍ତା କେହି
ଦିନେକ ଦ୍ରିଯୋଧନ ମାତା ଗାନ୍ଧାରୀ ଆଗେ କହି ।୧୫ ।
ଭୋ ମାତା ମହାସତୀ ଆଗ୍ୟାଂ ଦେବା ମୁକୁ
ମୁହିଂ ଯିବି ମାତା ଗୋ ଗାନ୍ଧାରସେନ ରାଜ୍ୟକୁ ।୧୬ ।
କେମନ୍ତ ସଂପଦେ ଗୋ ଅଛଇ ମୋର ଅଜା
କେମନ୍ତ କରିଣ ସେ ପାଳଇ ଜନପ୍ରଜା ।୧୭ ।
କଥା ପାଶୋରିଲେ ନ ଜାଣିଲେ ଗାନ୍ଧାରୀ
ଯାଅ ବୋଲି ଦ୍ରିଯୋଧନକୁ ଆଗ୍ୟାଂ ଅବଧାରୀ ।୧୮ ।
ଧୁଶାସନ ଦୃଜୟେ କର୍ଣ୍ଣ ଶଲ୍ୟ କୃପ
ଅଶସ୍ତମା ସହିତେ ଅଛନ୍ତି ସମସ୍ତ ନୃପ ।୧୯ ।
ୟେତେକ ସଙ୍ଗର ସନ୍ୟ କୁମାର କୁରୁପତି
ଗାନ୍ଧାରସେନ ରାଜ୍ୟକୁ ସେ ଚଳଇ ତତତି ।୨୦ ।

ରାତ୍ର ଦିବସେଣ କରନ୍ତି ପ୍ରୟାଣ
ହସ୍ତିନାକୁ ଗାନ୍ଧାରସେନ ରାଜ୍ୟ ପନ୍ଦର ଶତ ଯୁଣ ।୨୧ ।
ପ୍ରବେଶ ହୋଇଲେ ଯାଇଂ ପନ୍ଦର ଦିବଷେ
କଟକେ ପ୍ରବେଶ ଯାଇଂ ହୋଇଲେ ହରଷେ ।୨୨ ।
ବାରତା ପାଇଣ ସେ ଗାନ୍ଧାରସେନ ନୃପତି
ଦଣ୍ଡ ସନ୍ୟ ଘେନି ସେ ପାଛୋଟି ଆସଇ ତତତି ।୨୩ ।

ବଇଡୁର୍ଯ୍ୟ ପର୍ଭତ ତଳେ ହୋଇଲେ ଭେଟା ଭେଟି
ଗାନ୍ଧାରସେନ କୁଶଳ ବାରତା ପୁଚ୍ଛଇ ଧରତରାଷ୍ଟି ।୨୪ ।
ଦ୍ରିଯୋଧନ ବୋଇଲା ଶୁଣିମା ମାତ ତାତ
ସନ୍ୟବଳ ଛାଡି ତୋହୋର ମୋହୋର ହୋଇବା ୟେକାନ୍ତ ।୨୫ ।
ପର୍ବତ ଉପରେ ଯାଇଂ ବସିଲେ ଅଜା ନାତି
ବଂଶାଧିକ ରାଜା ତୁ ଅଟୁ ଚକ୍ରବ୍ରତୀ ।୨୬ ।
ମୁହିଂ ସହି ନୁହାରଇ ଯୁଝେଷ୍ଟିଙ୍କ  ଆରଦୋଳି
ସେ ନିମନ୍ତେ ଅଜା, ଅଇଲି ତୋହୋର ତୁଲେ ଭାଳି ।୨୭ ।
ଭୀମସେନ ଅନେକ ଝିଂଘାସ କଲାକ ମୋତେ
ମୁହିଂ ତାହାର ପ୍ରାଣ ତ୍ୟାଗ କରିବି କେମନ୍ତେ ।୨୮ ।
ଭୂଇଂ ଛୁଇଂ ଶ୍ରବଣେ ହସ୍ତ ଦିଲା ଗାନ୍ଧାର
ବାବୁ ଯେବଣ କଥା କହିଲୁ ସେ ଦୁସହ ଅଗୋଚର ।୨୯ ।
ତୋହୋର ବେଳେ ପାଣ୍ଡବନ୍ତ ବଳବନ୍ତେ ନୋହୁଂଟି ଯେ ସରି
ଦେବ କଳା ଘେନି ସେ ପ୍ରତକ୍ଷେ ଅବତରି ।୩୦ ।
ଧର୍ମର ବୀର୍ଯ୍ୟେ ଜାତ ସେ ଯେବଣ ଯୁଝେଷ୍ଟି
କର ଲେଉଟାନ୍ତେ ଯାହାର ଲେଉଟଇ ନବ ସୃଷ୍ଟି ।୩୧ ।
ବ୍ରିକୋଦର ଜାତ ହାଦେ ପବନର ବୀର୍ଯ୍ୟେ
କରେଣ ଗଦା ଧରିଲେ ତ୍ରାସଇ ଦେବରାଜେ ।୩୨ ।
ମହା ବଳବନ୍ତା ସେ ପ୍ରତଗ୍ୟାଂ ସାର୍ଥୁକ ଭୀମ
ଛତ ଲକ୍ଷ ଯୋଜନେ ଥାଇଂ ତାହାକଇଂ ତ୍ରାସ କରଇ ଯମ ।୩୩ ।
ବାସବର ନନ୍ଦନ ଯେବଣ ଫାଲଗୁନି
ୟେକା ନାରାଜକେ ତ୍ରୈଲୋକ୍ୟ ପାରଇ ସେ ଜିଣି ।୩୪ ।
ନକୁଳ ବୋଲିଣ ତାହାର ଯେବଣ ଅନୁଜ
ଆକାଶେ ପାଟ ଅଛି ଅଶ୍ୱିନୀ କୁମାରଙ୍କ ଆତ୍ମଜ ।୩୫ ।
ତାହାର ଅନୁଜ ଯେ ସହଦେବ ବୋଲି
ଭୂତ ଭବିଷ୍ୟ ଗ୍ୟାଂତା ମୁଂ ପ୍ରତକ୍ଷେ ଦେଖିଲି ।୩୬ ।
ବାବୁ ମୋହୋର ବଚନ ଶୁଣରେ ମାନଗୋବିନ୍ଦ
ସମୟେ ବ୍ରତିଥାଅ ଯୁଝେଷ୍ଟିଙ୍କରେ ନ କର ତୁ ଦ୍ୱନ୍ଦ ।୩୭ ।
---------------------------------
୨୪ ।୨ ଧୃତରାଷ୍ଟ୍ରି- ଦୁର୍ଯ୍ୟୋଧନ

ଦ୍ରିଯୋଧନ ବୋଇଲା ତାତ ସମର ନ କରିବି
ଉପାୟେ କରିଣ ହାଦେ ପାଣ୍ଡବନ୍ତ ମାରିବି ।୩୮ ।
ଭୀମାର ବଳ ବୀର୍ଯ୍ୟକୁ ମୋହୋର ଭୟ ନାହିଂ
ଯାହାକୁ ନିଳାମ୍ବର ଦେବ ହୋଇଛନ୍ତି ସାହି ।୩୯ ।
ଗାନ୍ଧାରସେନ ବୋଇଲା ବାବୁ କେବଣ ଉପାୟେ
ଦ୍ରିଯୋଧନ ବୋଇଲା ଆସ ଦେଖାଇବି ଦେବରାୟେ ।୪୦ ।
ଗାନ୍ଧାରସେନ ବୋଇଲା ଯେବେ ଅଇଲୁ ମୋର ପୁରେ

ଦିନା ପାଞ୍ଚସାତ ରହିବୁ ନା ମୋହୋର ପୁର ମନ୍ଦିରେ ।୪୧ ।
ଦ୍ରିଯୋଧନ ବୋଇଲା ତାତ କଟାଳ ନ କର ଯେ ମୋତେ
ପାଣ୍ଡବନ୍ତ ନାଶ କଲେ ମୁଂ ବ୍ରତଇ ନିଷ୍ଚିନ୍ତେ ।୪୨ ।
ସମସ୍ତ ସନ୍ୟମାନ ପଠିଆଅ ତୋହୋର ଦେଶ
ବର୍ଗ କୁଟୁମ୍ବମାନ ଘେନି ସଙ୍ଗତେ ମୋର ଆସ ।୪୩ ।
ଆପଣାର ଶତେ ପୁତ୍ର ଘେନିଣ ଗାନ୍ଧାର
ଆବର ଛୟାଣୋଇ ଭ୍ରାଥେ ଘେନିଣ ବନ୍ଧୁ ସଙ୍ଗର ।୪୪ ।
ଆପଣାକୁ ଲାଇ ଶୟେ ସତାଣୋଇ ଜଣ
ଦ୍ରିଯୋଧନ ତୁଲେ ଗାନ୍ଧାରସେନ କରଇ ପୟାଣ ।୪୫ ।
ସଉଭଦ୍ର ବନେ ଯାଇ ହୋଇଲେ ପ୍ରବେଶ
ଲୋହଗିରି ପର୍ବତରେ ମିଳିଲେ ତାର ପାଶ ।୪୬ ।
କୂଟ କପଟ ରାଜା ଫେଡିଲା କବାଟ ଗୋଟି
ଆପଣେ ଭିତରେ ଯାଇ ପଶିଲା ଧୃତରାଷ୍ଟି ।୪୭ ।
ତାହାକୁ ଗୋଡାଇ ଯେ ପଶିଲେ ଗାନ୍ଧାରସେନ
ପିତାର ସଙ୍ଗତେ ପଶିଲେ ଗାନ୍ଧାରସେନ ପୁତ୍ରମାନ ।୪୮ ।
ଦ୍ରିଯୋଧନ ବୋଇଲା ବିଚାର କର ପିତା
ଭୀମାର ଗଦାଘାତ ୟେ ସହିବଟି ପର୍ବତା ।୪୯ ।
ୟେହା ଭୋ ପିତା ବିଚାର କର ଦୃଢ କରି
କବାଟ ପାଡିବି ପାଣ୍ଡବନ୍ତ ଭିତରେ ମୁଂ ଭରି ।୫୦ ।

---------------------------

୩୯ ।୨ ସାହି-ସହାୟ
୪୫ ।୨ ପୟାଣ-ପ୍ରସ୍ଥାନ ।

ଦେଖି ବିଚାର କରଇ ଗାନ୍ଦାରସେନ ନୃପତି
ବାବୁ ଦ୍ରିଯୋଧନ ତୁ ଉପାୟେ ଚକ୍ରବ୍ରତୀ ।୫୧ ।
ତୋହୋର ବୋଲେ ୟେହା ହୋଇଲା ନିର୍ବାଣି
ପ୍ରତକ୍ଷେ ଦିଶୁଅଛି ଇନ୍ଦ୍ର ବାରସ୍ୱତୀ ପୁର ଜାଣି ।୫୨ ।
ଭଲ କରି ପିତାପୁତ୍ର ୟେହାକୁ ବିଚାର କର
କାହାର କିସ ବୁଦ୍ଧି କହ ମୋହୋର ଆଗର ।୫୩ ।
ୟେତେକ ବଚନ କହି ବାହାର ଧୃତିରାଷ୍ଟି
ବାହାରେ ଥାଇ ପାଡିଲା ବଜ୍ର କୀଳଣୀ କବାଟ ଗୋଟି ।୫୪ ।
ଗାନ୍ଧାରସେନ ବୋଇଲା କବାଟ ଫେଡ ବାବୁ
ସର୍ବଗମ୍ୟ ନାଥ ତୋତେ ବୁଦ୍ଧି ଦୃଶ୍ୟ ସବୁ ।୫୫ ।
ଦ୍ରିଯୋଧନ ବୋଇଲା ଶୁଣ ହୋ ଗାନ୍ଧାର
ତୁମ୍ଭେ ନିରୁତାନ୍ତ ବଇରି ଅଟ ଯେ ମୋହୋର ।୫୬ ।
ମାତାକୁ ମୋହୋର ଯେବଣ କୃତ୍ୟ କଲୁ ଗାନ୍ଧାରସେନ ରାଜା
ବିଧବା କନ୍ୟା କରାଇଲୁ ଧୃତରାଷ୍ଟଙ୍କ ଭାରିଯା ।୫୭ ।
ଗୋଲକ ବୃକ୍ଷ ଯେ ବିଭାକାଳେ ମଲା ଯୁଗତେ ।୫୮ ।
ବିଧବା କନ୍ୟା ପିତାକୁ ମୋହୋର ଦିଲୁ ତୁ କେମନ୍ତେ ।୫୮ ।
ଅଗ୍ନିରେ ଦହନ କିଂପେ ନ କଲୁ ମହାତମା
ସେ କଥା କଳଙ୍କ ମୋତେ ସଭାରେ ବୋଇଲା ଭୀମା ।୫୯ ।
ତୋତେ ମାଇଲେ ମୁଂ ପାଶୋରଇ ସେ କଥା
ତୋହୋର ନିମନ୍ତେ ମୋତେ ହାଦେ ଲଜ୍ଜା ଅପ୍ରମିତ ।୬୦ ।
ପାଣ୍ଡବଙ୍କ ନିମନ୍ତେ ନିର୍ବାଣ ନୋହଇ ୟେ ଘର
ତୋହୋର ନିମନ୍ତେ ନିର୍ବାଣ କରିଛି ୟେହୁ ପୁର ।୬୧ ।

ତୁ ଯେବେ ନିଷ୍ଚିନ୍ତେଣ ଥାଅ ଯାଉଅଛି ମୁହିଂ
ବଜ୍ର ଯନ୍ତ୍ର କୀଳଣୀ କିଳିଲା, ତହୁଂ ଗଲାକ କୁରୁସାଇଂ ।୬୨ ।
ପ୍ରବେଶ ହୋଇଲା ଯାଇଂ ଆପଣା ନିଜ ଦେଶ
ସ୍ନାହାନ ଭୋଜନ ସେ କରଇ ହରଷ ।୬୩ ।
----------------------------------
୬୧ ।୧ ପାଣ୍ଡବଙ୍କ ନିମନ୍ତେ ଭଣ୍ଡି କହିଲି ତୋହୋର ଆଗର ।
୫୬ ।୨ ନିରୁତାନ୍ତ-ନିତାନ୍ତ

ଗାନ୍ଧାରୀ ବାରତା ପାଇଲେ ତଥ୍ୟ କରି
ଦ୍ରିଯୋଧନ ସନ୍ନିଧ୍ୟେ ବିଜେ କଲେ ମାହେଶ୍ୱରୀ ।୬୪ ।
ବାବୁ ପିତାକୁ ମୋହୋର ଲାଇଲୁ ପଥର ଘରେ
ଆରେ ସୋଦର ବଧରେ ପଶିଲୁ ବାଳୁତ ପାମରେ ।୬୫ ।
ଗାନ୍ଧାରସେନ ବ୍ରତିଥିଲେ ତୋତେ ରେ ପରମ ହିତ
କେବେହେଂ ବାବୁ ନ ବାହୁତଇ କଲା କର୍ମ କୃତ୍ୟ ।୬୬ ।
ଦ୍ରିଯୋଧନ ନ ଶୁଣଇ ଗାନ୍ଧାରୀର ବୋଲ
ଗୋଟିୟେ କରି ଦ୍ରିଯୋଧନ ନ କଲୁ ତୁହି ଭଲ ।୬୭ ।
ଯଦ୍ୟପି ପିତାକୁ ମୋହୋର କଲୁ ୟେଡେ କୃତ୍ୟ
ଅନ୍ନ ଦେଉଥାଅ ତାହାର ଜୀବନ ଥିବା ପରିଯନ୍ତ ।୬୮ ।
ଦ୍ରିଯୋଧନ ବୋଇଲା ମା ଗୋ ତୋହୋର ବଚନେ
ଦେବଇଂ ଅନ୍ନ ଯାହା ମାଗିଲୁ ତୋଷ ମନେ ।୬୯ ।
ମାତାଙ୍କର ବଚନେ ଆଗ୍ୟାଂ ଦିଲା କୁରୁବୀର
ବସାଣ କଲା ଗାନ୍ଧାରକୁ ନିତ୍ୟେ ଅନ୍ନ ୟେକ ଭାର ।୭୦ ।
--------------------------------
୬୭ ।୨ କୂଟରେ ଦ୍ରିଯୋଧନ ନ କଲୁ ବାବୁ ଭଲ ।
୭୦ ପଦ "ମାତାଙ୍କର ବଚନେ ଆଗ୍ୟାଂ ଦିଲା କୁରୁବୀର ।" ପାଦାନ୍ତ ପରେ ଭିନ୍ନ ପାଠ-
ମାତାଙ୍କର ବଚନେ ଆଗ୍ୟାଂ ଦିଲା କୁରୁବୀର
ବସାଣ କଲା ଗାନ୍ଧାରକୁ ନିତି ଅନ୍ନ ଦଶ ଭାର ।
ପାଣି ତହିଂକି ଦିଅଇ ଦୁଇ ଭାର ଲେଖାୟେଂ
ଜଣକେ ପାଣି ଯେ ପଡଇ ପାୟେ ପାୟେ ।
ଜଳା କବାଟି ବାଟେ ବଢାଇ ଦିଅନ୍ତି ପ୍ରତିଦିନ
ଦେଖିଣ ଗାନ୍ଧାରସେନ ବିଚାରଇ ମନ ।
ଆମ୍ଭଙ୍କୁ ଧରି ଦ୍ରିଯୋଧନ ଦୁଖ ଦିଲା ପୁଣ
ୟେହିମିତି ଦିଲା ମାସକ ପୂର୍ଣ୍ଣ ଅନ୍ନ ।
ସେହିଠାରୁ ପାଞ୍ଚ ଭାର ଦିଲା ଦ୍ରିଯୋଧନ
ପୁଣ କିଛୁ ଦିନ ଦୁଇ ଭାର ଲେଖାୟେଂ ଦିଲା ଅନ୍ନ ।
ପୁଣ ଭାରେକ ଦିଅଇ ହସ୍ତ ଯେ ଆଞ୍ଜୁଳା
ବେନିମାସ ଭାରେକ ଲେଖାୟେଂ ସେ ଦିଲା ।
ଜ୍ୟେଷ୍ଠ ପୁତ୍ର ଶଙ୍କୁନି ପରଶଇ ଭଲା
ଗାନ୍ଧାରସେନ କହଇ ମୃତ୍ୟୁ ଆସି ନିକଟ ହୋଇଲା ।

ଭାରେଖ ଅନ୍ନ ଆବର ପାଣି କଳସାୟେ
ଗୁଣ୍ଡିରି ଜଳା ବାଟେ ବଢାଇଣ ଦିୟେ ।୭୧ ।
ଦେଖିଣ ଗାନ୍ଧାରସେନ ବିଚାର କରଇ ମନେ
ଅନ୍ନ ଶାସ୍ତିରେ ମଲେ ମୁକତି ନୁହନ୍ତି ଜନେ ।୭୨ ।
ସମସ୍ତେହେଂ ପାତନ୍ତି ଡାହାଣ କର ଗୋଟି

ଜ୍ୟେଷ୍ଠ ପୁତ୍ର ଶଙ୍କୁନି ସବୁଙ୍କୁହିଂ ଦିଅଇ ବାଣ୍ଟି ।୭୩ ।
ଜଣେକ ହୋଅଇ ପୋଷେ ପୋଷେ ଅନ୍ନ
ଘଡାୟେକ ପାଣି ଚଳୁୟେ ଗ୍ରାସ ପୁଣ ।୭୪ ।
ୟେସନେକ ନିତି ପ୍ରତି ଦିଅଇ କୁରୁବଇ
ଉପାୟେ ଶଙ୍କୁନି ତହୁଂ ଥୋକାୟେ ଥୋକାୟେ ରଖିଥାଇ ।୭୫ ।
ଭାତ ପୁଡାୟେ ଚକଟି ଲେପିଥାଇ କାଛେ
ବୁଦ୍ଧି ଭିଆଇଲା ଆପଣା ବ୍ରତିବା ନିମନ୍ତେ ।୭୬ ।
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗଧର
ଛଅ ମାସ ପରିୟନ୍ତେ ଦିଲା ଅନ୍ନ ୟେକ ଭାର ।୭୭ ।
ଛ ମାସ ଅନ୍ତରେ ପୁଣ ବୁଦ୍ଧି ୟେକ କଲା
ଅଙ୍ଗାୟେକ ଦିଅ ବୋଲି ସୁପକାରକୁ ବୋଇଲା ।୭୮ ।
ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଚଉଠୀର ଦିନ
ଆଗ୍ୟାଂୟେ ବଢାଇ ଦିଲା ଅଧ ଭାରେକ ଅନ୍ନ ।୭୯ ।
ତାହା ବାଣ୍ଟି ଭୁଞ୍ଜିଲେ ସମସ୍ତେ ବିକଳେ
ଥାଳିୟେକ ଅନ୍ନ ପୁଣି ଦିଲା ଅନ୍ତକାଳେ ।୮୦ ।
ତାହା ଦେଖି ବିଚାର କରଇ ନୃପତି ଗାନ୍ଧାରସେନ
ବାବୁ ସବୁନ୍ତି ଅଦୋଷେ ନାଶ କଲାଟି ଦ୍ରିଯୋଧନ ।୮୧ ।
ଶହେ ସତାଣୋଇ ଜଣଙ୍କୁ ଥାଳିୟେକ ଭାତ
ୟେତେକ ଆହାର କରି ହୋ ବ୍ରତିବା କେମନ୍ତ ।୮୨ ।
ଦ୍ରିଯୋଧନର ତ ଆମ୍ଭେ ନୋହୁଂ ନା ବଇରି
ବିନା ଅପରାଧେ କିଂପା ଆମ୍ଭନ୍ତ ନାଶ କରି ।୮୩ ।

------------------------------

୫ ।୧ କୁରୁବଇ-କୁରୁପତି ।

ୟେ ମୋହୋର ବଂଶ ଯେ ମାରୁଅଛି ଅନମିତେ
ତାହାର ବଂଶ କେହୁ ନାଶ କରିବ ୟେହିମତେ ।୮୪ ।
ୟେ ଥାଳିକ ଭାତ ଜଣକ ହିଂ ଭୁଞ୍ଜ
ପିତୃ କାର୍ଯ୍ୟ କରି ଦ୍ରିଯୋଧନ ବଂଶ ଗଞ୍ଜ ।୮୫ ।
ଗାନ୍ଧାରସେନ ରାଜାର ୟେସନେକ ବଚନ ଶୁଣି
ଜ୍ୟେଷ୍ଠ ପୁତ୍ର ଶଙ୍କୁନି କହିଲା ଦୃଢ ବାଣୀ ।୮୬ ।
ତୁ ଯେହ୍ନେ ଆଗ୍ୟାଂ ଦିଲୁ ନରସାଇଂ
ମୁହିଂ ପାରିବି ଦ୍ରିଯୋଧନର ବଂଶ ନାଶ କରାଇ ।୮୭ ।
ଗାନ୍ଧାରସେନ ବୋଇଲା ଥାଳିକ ଅନ୍ନ ଖାଅ
ସବୁରି ଆଷ୍ୟ ଘେନିଣ ତୁ ଶୁଭେଣ ବ୍ରତି ଥାଅ ।୮୮ ।
ସେ ଥାଳିକ ଅନ୍ନ ଯେ ଭୁଞ୍ଜଇ ଶଙ୍କୁନି
ସଭିଂୟେ ପ୍ରାଣ ପୟାଣ ହୋଇଲେ ଅବସାନି ।୮୯ ।
ଶହେ ପାଞ୍ଚଣୋଇ ଜଣ ହୋଇଲେ ପ୍ରାଣତ୍ୟାଜ
ଶଙ୍କୁନି ଘେନି ବ୍ରତି ଅଛି ଗାନ୍ଧାରସେନ ରାଜ ।୯୦ ।
ଗାନ୍ଧାରସେନ ପଚାରଇ ଶୁଣ ରେ ଶଙ୍କୁନି
ତୁ ମୋହୋର ଜ୍ୟେଷ୍ଠ ପୁତ୍ର ଅଟୁ ମହାଗ୍ୟାନୀ ।୯୧ ।
ମୁହିଂ ଯେ ପୁତ୍ର ରେ ରକ୍ଷା କଲି ତୋତେ
ଦ୍ରିଯୋଧନର ବଂଶ ତୁ ନାଶିବୁ କେମନ୍ତେ ।୯୨ ।
ଶଙ୍କୁନି ବୋଇଲା ତାତ ଅଛି ନି ମୋହୋର ବୁଦ୍ଧି
ତୋହୋର ବଚନ କହ ମୋତେ କେମନ୍ତେ କାର୍ଯ୍ୟ ସିଦ୍ଧି ।୯୩ ।
ତୁମ୍ଭେ ତୋ ଯାଉଅଛ ବୁଦ୍ଧିୟେ ମୋତେ କହ

ହୃଦରେ ଧରିଥିବି ତୋହୋର ବଚନ ସନ୍ଦେହ ।୯୪।
ଗାନ୍ଧାରସେନ ବୋଇଲା ଶୁଣସି ମୋହୋର ପୁତ୍ର
ମୁହିଂ ଯେତେବେଳେ ହୋଇବି ମୃତ୍ୟୁ ପରାପତ ।୯୫।
ଯେ ମୋହୋର ଡାହାଣ କରର ପବ ଅଛି
ତାହା ଯତନ କରି ଥୋଇଥିବୁ ନ ଜାଣିମ କୁରୁପତି ।୯୬।
-----------------------------
୮୯ ।୨ { ସମସ୍ତେ ପ୍ରାଣତ୍ୟାଜ ହୋଉଛନ୍ତି ଅନ୍ୟାଅନ୍ୟ
{ ସମସ୍ତେ ପ୍ରାଣତ୍ୟାଜ ହୁଅନ୍ତି ଅବନୀ ।

ଡାହାଣ ହାଥର ଡାହାଣ ପବ ଗୋଟି
ତାହା କରାଇବୁ ବାବୁ ପଶା ଦୁଇ କାଠି ।୯୭।
ବାମ ହାଥର ପବ କରାଇବୁ ପଶାର ଗୁଟି
କରାଇବୁଟି ନିର୍ବାଣ ଯତନ କରି ତିରିଶ ଗୋଟି ।୯୮।
ଅବଶ୍ୟ ଦ୍ରିଯୋଧନ ତୋତେ କରିବ ବଡ ଜଣେ
ରାଜାର ତୁଲେ ବସିବୁ ତୁ ମହାମନ୍ତ୍ରୀ ପଣେ ।୯୯।
ବାବୁ ତୁ ତ ନାଶ କରି ନୁଆରିବୁ ତାହାକୁ
ପଶା ଖେଳାଇବୁ ତୁ ଦ୍ରିଯୋଧନ ସଂଗେ ପାଣ୍ଡବଙ୍କୁ ।୧୦୦।
ଆପଣେ ପାଡିବୁ ତୁ କୂଟ କପଟ ପାଶା
ଦାନ ପଡୁଥିବଟି ତୋହୋର ମନୀଷା ।୧୦୧।
ଯୁଝେଷ୍ଠିଙ୍କି ହରାଇବୁ ଜିଣାଇବୁ ଦ୍ରିଯୋଧନ
ପଶା ଖେଳଇ ଯେ ଘେନାଇବୁ ପାଣ୍ଡବଙ୍କ ରାଜ୍ୟ ସିଂହାସନ ।୧୦୨।
ଆତ୍ମା ସହିତେ ଜିଣାଇବୁ ଦ୍ରିଯୋଧନକୁ
ସର୍ଭୈର ତଳେ ନେଇ ବସାଇବୁ ପାଣ୍ଡବଙ୍କୁ ।୧୦୩।
ସମ୍ପୂର୍ବେ ଆସ୍ତାନେ ବସିଥିବ କୁରୁରାଜା
ସଭାର ତଳକୁ କେଶ ଧରି ଅଣାଇବୁ ପାଣ୍ଡବଙ୍କର ଭାରିଯା ।୧୦୪।
ବିବସନ କରାଇବୁ ଆଣି ମହାସଭା ତଳେ
ସେ କଥାମାନ ଭୀମା ଲିହିଥିବ ବକ୍ଷସ୍ଥଳେ ।୧୦୫।
ତହିଂର ରାଗ ଯେ ଘେନିଣ ଭୀମସେନ
ଦ୍ରିଯୋଧନର ବଂଶ ନାଶ କରିବ ସାଂଗ୍ରାମେଣ ।୧୦୬।
ବାବୁ ତୁହି ରଣ ଯାଗ୍ୟ କରିବୁ ସହଦେବର ହସ୍ତେ
ଭଣଜାଙ୍କୁ ମରାଇ ନ ରହିବୁ କଦାଚିତେ ।୧୦୭।
ଜଳ ସ୍ଥଳ ଅନଳେ କହୁଅଛି ତୋତେ
ପାଣ୍ଡବେ ବଧ ନୋହନ୍ତି କେଉଣସି ମତେ ।୧୦୮।
ଶଙ୍କୁନି ବୋଇଲା ତାତ କହିଲୁ ଯେଉଣ କଥା
ଦେବଙ୍କୁ ଅଶକ୍ୟ ଯେ ତୋହୋର ବାରତା ।୧୦୯।
-----------------------------
୧୦୭ ।୨ ଭଣଜାକୁ ମରାଇଣ ମରିବୁ ପଶ୍ଚାତେ ।

ଯେ ତୋହୋର ଭୁଜ ଯେତେ ପୁଣ୍ୟ କରିଥିଲା କାହିଂ
ସଂପ୍ରତେ କରାଅ ମୋତେ ଯେଥିର କଥା କହି ।୧୧୦।
ଗାନ୍ଧାରସେନ ବୋଇଲା ବାବୁ ଯେ ତ୍ରେତୟା ଯୁଗର କଥା
ଶହସ୍ର ଶାହାସ୍ରେ ମୁଂ ଅଟଇ ନିର୍ଜିତା ।୧୧୧।
ପଶା ଖେଳିଲେ ମୁଂ ହାରଇ ପ୍ରତିଦିନେ
ଗଙ୍ଗାକଇଂ ସେବା କାଲି ମୁଂ ପୁତ୍ରରେ ପଶାର ଅଭିମାନେ ।୧୧୨।

ପଞ୍ଚଦଶ ବରଷ ପରିଯନ୍ତେ ମୁଂ କଲି ଘୋର ତପ
କଠୋର ତପେ ଦେଖିଲି ବାବୁ ଗଙ୍ଗାଙ୍କ ସରୂପ ।୧୧୩।
ଉତ୍ତ୍ରାଙ୍କ ତୀର୍ଥେ ପ୍ରସନ୍ନ ହୋଇଲେ ଧଭଳାଙ୍ଗୀ
ବୋଇଲେ ଗାନ୍ଧାରସେନ ରେ ବର ମାଗ ବେଗି ।୧୧୪।
ମୁଂ ବୋଇଲି ଗୋ ମାତା ସୁଦୟା କର ମୋତେ ଆଦି ନାରୀ
ତୋହୋର ଠହୁଂ ଦେବୁ ମୋତେ ବିଜୟ ପଶା ସାରି ।୧୧୫।
ପଶାରେ କେହି ମୋତେ ନୋହିବେ ଜିଣନ୍ତା
ପ୍ରସନ୍ନେ ପଶା ସାର ମୋତେ ଦିଲେ ଆଦିମାତା ।୧୧୭।
ତିନି ବରଷରେ ତୁ ତିନି ଭୁବନ ଜିଣିବୁ
କଥା ରୁହାଇ ଆଣି ମୋତେ ବାବୁରେ ବାହୁଡାଇ ଦେବୁ ।୧୧୮।
ଗଙ୍ଗାହୁଂ ବିଜୟା ସାର ଘେନି ଅଇଲି ତନୟେ
ଅନେକ ରାଜାଙ୍କୁ ବାବୁ ରେ ମୁଂ ଜିଣିଲି ପଶାୟେ ।୧୧୯।
ପଶାର ଭୟେ କେହି ନଇଲେ ମୋର କତି ।୧୨୦।

--------------------------------

୧୧୫।୧ ଭୋ ମାତ ସିଦ୍ଧ ଗୋ ମୋତେ କର ଆଦି ନାରୀ ।
୧୨୦ ପଦ ପରେ ଅଧିକା ପାଠ-
ତିନି ବରଷକୁ ଆଣିଲି ସାତ ବରଷ ଗଲା
ଲୋଡିବାର ବେଳେ ଗଙ୍ଗା ସାର ନ ପାଇଲା ।
ନ ପାଇଣ ଗଙ୍ଗା ଦେବୀ ଶାପ ଅନୁସରୀ
ଯାଅ ରେ ଗାନ୍ଧାରସେନ ପଥର ଘରେ ବଂଶ ମରୁ ତୋହୋରି ।

ତିନି ବରଷ ଉତ୍ତାରେ ମୁଂ ଉତ୍ରାଙ୍କୁର ତୀର୍ଥକୁ ଗଲି
ଗଙ୍ଗାଙ୍କୁ ତୁସ୍ତି କରି ମୁଂ ବିଜୟା ପଶା ଦେଲି ।୧୨୧।
ପଶା ଘେନିମାକୁ ଦେବୀ ପାତିଲେକ ହସ୍ତ
ବିନୟ ଭାବେ ଗୋସାମଣୀଙ୍କୁ ଯୋଡିଲି ବେନି କରପତ୍ର ।୧୨୨।
ତୁ ଯେବେ ପ୍ରସନ୍ନ ହୋଇଲୁ ମହେଶ୍ୱରୀ ମୁକୁ
ଚିରନ୍ତନ କଥା ରହୁ ମୋହୋର ବଂଶକୁ ।୧୨୩।
ଗଙ୍ଗା ବୋଇଲେ ପଶା ପାତିଲୁ ଯେବଣ କରସ୍ଥଳେ
ତୋହୋର ମୃତୁକାଳେ ଅସ୍ଥି ଘେନିମ ତୋହୋର କୁମରେ ।୧୨୪।
ଡାହାଣ ହସ୍ତ ପବେ କରିବ ଦୁଇ ପାଶା କାଠି
ବାମ ହସ୍ତର ପବ କରିବ ପାଶାଗୁଣ୍ଡି ତିରିଶ ଗୋଟି ।୧୨୫।
ତୋହୋର ବଂଶକୁ ଯେ ରହିବ ଚିରନ୍ତନେ
କେହି ଜିଣନ୍ତା ନୋହିବଟି ତ୍ରୈଲୋକ୍ୟ ଭୁବନେ ।୧୨୬।
ଗଙ୍ଗାର ପ୍ରସନ୍ନ ବାବୁ ନୋହଇ ଆନ କଲା
କହୁଂ କହୁଂ ଗାନ୍ଧାରସେନ ପ୍ରାଣତ୍ୟାଜ ହୋଇଲା ।୧୨୭।
ପିତାର ବଚନେ ସେ କୁମାର ଶଙ୍କୁନି
ଦୁଇ ହସ୍ତର ଅସ୍ଥି ପବ ଯତନ କରି ଘେନି ।୧୨୮।
ଶୟେ ଛୟାଣୋଇ ଜଣ ତ ପ୍ରାଣତ୍ୟାଜ ହୋଇଲା
ୟେକମାତ୍ର ଶଙ୍କୁନି ପ୍ରାଣ ସେ ପାଇଲା ।୧୨୯।
ଥାଳିୟେକ ଅନ୍ନ ଯେ ଦେଉଥିଲା କୁରୁପତି
ଅନ୍ତେଣ ପୁଣ ନ ଦିଲା ତାହା ମୂର୍ଖମତି ।୧୩୦।
କାଛରେ ଶଙ୍କୁନି ଲେପିଥିଲା ଯେବଣ ଅନ୍ନ
ତାହା ଖାଇ ପ୍ରାଣ ସେ ରଖଇ ପ୍ରତିଦିନ ।୧୩୧-୫୭୩୧।

*****************

--------------------------------

ଈଶ୍ୱର ତହିଁ ଯେ ବୋଲଣା ମୋତେ କରି
ୟେମନ୍ତ ବୋଲି ମୋତେ ଶାପ ଅନୁସରି ।
୧୨୩ ।୨ ଚିରନ୍ତନ କଥା କେମନ୍ତେ ରହିବ ମୋହୋର ବଂଶକୁ ।
୧୨୫ ।୨ ବାମ ହସ୍ତର ପବ କରିବ ଗୁଳି ଷୋଳ ଗୋଟି ।